# ଏକକ ୫: ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ପାଇଁ ପନ୍ଥା ସମୂହ

ସଂରଚନା

୫.୦- ଉପକ୍ରମ

୫.୧- ଶିକ୍ଷଣ ଉଦ୍ଦେଶ୍ୟ ସମୂହ

୫.୨- ଶିକ୍ଷଣରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ନିୟୋଜିତ କରିବା

- ୫.୨.୧- ମିତା ତୃତୀୟ ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ପରିବେଶ ଅଧ୍ୟୟନ ଶିକ୍ଷାଦାନ କରେ
- ୫.୨.୨- ଅମୃତ୍ ଜଣେ ପରିବେଶ ଅଧ୍ୟୟନ ଶିକ୍ଷକ
- ୫.୨.୩- ପଢ ଏବଂ ଚିନ୍ତାକର

୫.୩- ଶିକ୍ଷଣ କାର୍ଯ୍ୟ ଭିତ୍ତିକ ଶିକ୍ଷଣ

- ୫.୩.୧- ପରିବେଶ ଅଧ୍ୟୟନ ପାଇଁ କେଉଁ ପ୍ରକାର ଶିକ୍ଷଣ କାର୍ଯ୍ୟ କରିବା
- ୫.୩.୨- କେତେକ ନମୁନା ଶିକ୍ଷଣ କାର୍ଯ୍ୟ
- ୫.୩.୩- ଶିକ୍ଷଣ କାର୍ଯ୍ୟ- ଭିତ୍ତିକ ଶିକ୍ଷାଦାନ-ଶିକ୍ଷଣ ପରିଚାଳନା
- ୫.୩.୪- କାର୍ଯ୍ୟ ଆଧାରିତ ଶିକ୍ଷଣ କାର୍ଯ୍ୟ
- ୫.୩.୫- ଶିକ୍ଷଣ କାର୍ଯ୍ୟ ଭିତ୍ତିକ ଶିକ୍ଷଣ ପନ୍ଥାର ଉପକାରିତା
- ୫.୩.୬- ପରିବେଶ ଅଧ୍ୟୟନର ଶିକ୍ଷଣ କାର୍ଯ୍ୟର ଉଦାହରଣ

୫.୪- ସହଯୋଗୀ ଶିକ୍ଷଣ ପନ୍ଥା ସମୂହ

- ୫.୪.୧- ସହଯୋଗୀ ଶିକ୍ଷଣର ଉପାଦେୟତା
- ୫.୪.୨- ସହଯୋଗୀ ଶିକ୍ଷଣର ମୂଳତତ୍ତ୍ୱ
- ୫.୪.୩- ପରିବେଶ ଅଧ୍ୟୟନ ପାଇଁ ସହଯୋଗୀ ଶିକ୍ଷଣର ଉପକାରିତା
- ୫.୪.୪- ସହଯୋଗୀ ଶିକ୍ଷଣରେ ଆହ୍ୱାନ

୫.୫- ସାରାଂଶ

୫.୬- ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୫.୭- ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୫.୮- ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ଉପକ୍ରମ

ପ୍ରାଥମିକ ବିଦ୍ୟାଳୟରେ ପରିବେଶ ଅଧ୍ୟୟନ ଶିକ୍ଷଣର ସୁଯୋଗ ଓ ଉଦ୍ଦେଶ୍ୟ ବିଷୟରେ ବିଭାଗ-୦୧ରେ କୁହାଯାଇଛି । ଏଥିରେ ମଧ୍ୟ ପରିବେଶ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ଓ ଶୈଳୀ / ପନ୍ଥା ବିଷୟରେ କୁହାଯାଇଛି । ତେଣୁ ତୁମେ ଅନୁଭବ କରୁଥିବ ଯେ, ପିଲାଙ୍କର ବୋଧଗମ୍ୟତା ଓ ଦକ୍ଷତା ବୃଦ୍ଧି ପାଇଁ ପରିବେଶ ଅଧ୍ୟୟନରେ ଶିକ୍ଷଣ ଅଭିଜ୍ଞତାର ଯଥେଷ୍ଟ ଆବଶ୍ୟକତା ରହିଛି ।

ଏହି ଏକକରେ ପରିବେଶ ଅଧ୍ୟୟନ ଶିକ୍ଷଣରେ ଆବଶ୍ୟକ ହେଉଥିବା ବିଭିନ୍ନ ପନ୍ଥା ବିଷୟରେ କୁହାଯାଇଛି । ଶିକ୍ଷା ଓ ଶିକ୍ଷଣ ପ୍ରକ୍ରିୟା "ଗଠନାତ୍ମକ, ଶିକ୍ଷାର୍ଥୀ କୈନ୍ଦ୍ରିକ, ଶିକ୍ଷଣ କୈନ୍ଦ୍ରିକ ଏବଂ ଅନୁଭୂତି ସଂପନ୍ନ" ଉପରେ ଆଧାରିତ ବୋଲି ଏନ୍ ସି ଏଫ୍ ୨୦୦୫ ରେ କୁହାଯାଇଛି । ତେଣୁ ଏହି ଏକକଟି ଏହି ତତ୍ତ୍ୱ ଗୁଡ଼ିକୁ ଶ୍ରେଣୀରେ ପ୍ରୟୋଗ କରିବା ପାଇଁ ସାହାଯ୍ୟ କରିବ । ଏଥିରେ ଶିକ୍ଷଣ କାର୍ଯ୍ୟ ଭିତ୍ତିକ ଓ ସହଭାଗୀ ଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି ।

## ୫.୧: ଶିକ୍ଷଣ ଉଦ୍ଦେଶ୍ୟ

**ଏହି ଏକକର ସମାପ୍ତି ପରେ, ପରିବେଶ ଅଧ୍ୟୟନ ପରିପ୍ରେକ୍ଷୀରେ ତୁମେ -**

- ଶିକ୍ଷଣରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ନିୟୋଜିତ କରିବାର ଆବଶ୍ୟକତା ବର୍ଣ୍ଣନା କରିପାରିବ ।
- ପରିବେଶ ଅଧ୍ୟୟନରେ ଶିକ୍ଷଣ କାର୍ଯ୍ୟ ଭିତ୍ତିକ ଶିକ୍ଷଣର ଆବଶ୍ୟକତା, ସ୍ତର, ଉପକାର ଓ ଆହ୍ୱାନ ବିଷୟରେ ବର୍ଣ୍ଣନା କରିପାରିବ ।
- ଶିକ୍ଷଣ କାର୍ଯ୍ୟ ଭିତ୍ତିକ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟାକୁ ଫଳପ୍ରଦ ରୂପେ ଅଭ୍ୟାସ କରିପାରିବ ।
- ପରିବେଶ ଅଧ୍ୟୟନ ସହଭାଗୀ ଶିକ୍ଷଣର ଆବଶ୍ୟକତା, ଉପାଦେୟତା ଓ ଆହ୍ୱାନ ବିଷୟରେ ବର୍ଣ୍ଣନା କରିପାରିବ ।
- ପରିବେଶ ଅଧ୍ୟୟନ ଶ୍ରେଣୀ ଗୃହରେ ସହଭାଗୀ ଶିକ୍ଷଣକୁ ଫଳପ୍ରଦ ଭାବରେ ଅଭ୍ୟାସ କରିପାରିବ ।

## ୫.୨ ଶିକ୍ଷଣରେ ପ୍ରତ୍ୟେକ ପିଲାଙ୍କୁ ନିୟୋଜିତ କରିବା

### ୫.୨.୧: ମିତା ପରିବେଶ ଅଧ୍ୟୟନ ଶିକ୍ଷାଦାନ କରନ୍ତି

ମିତା ତୃତୀୟ ଶ୍ରେଣୀ ପିଲାଙ୍କୁ ପରିବେଶ ଅଧ୍ୟୟନ ଶିକ୍ଷାଦାନ କରନ୍ତି । ପିଲାମାନେ ନିର୍ଭୟରେ ତାଙ୍କୁ ପ୍ରଶ୍ନ ପଚାରନ୍ତି ଏବଂ ସେମାନଙ୍କ ସନ୍ଦେହ ଦୂର କରନ୍ତି । ସେମାନେ ପରିବେଶ ଅଧ୍ୟୟନ ଶ୍ରେଣୀକୁ ଭଲ ପାଆନ୍ତି । ମିତା ପୁରା ପରିୟଡ କଥା ହେଉଥିବାର ଓ ପିଲାମାନେ ଚୁପ୍ ହୋଇ ବସିଥିବାର ତୁମେ କେବେ ଦେଖିବାକୁ ପାଇବ ନାହିଁ । ପିଲାମାନେ କିଚିରିମିଚିରି ଶବ୍ଦ କରିବା, ଧାଁ ଧପଡ ହେବା, ଠେଲା ଠେଲି ହେବା ଇତ୍ୟାଦି ତୁମେ ତାଙ୍କ ଶ୍ରେଣୀରେ ଅନେକ ସମୟରେ ଦେଖିବାକୁ ପାଇବ । ଏହାର କାରଣ ପ୍ରତ୍ୟେକ ପିଲାଙ୍କ ପାଖରେ ପହଞ୍ଚିବା ଆବଶ୍ୟକତାର ଗୁରୁତ୍ୱ ମିତା ଅନୁଭବ କରନ୍ତି ।

ଆଜି ପରିବେଶ ଅଧ୍ୟୟନ ଶ୍ରେଣୀରେ, ମିତା ପ୍ରତ୍ୟେକ ପିଲାଙ୍କୁ କାର୍ଯ୍ୟଫର୍ଦ୍ଦ ଦେଲେ, ବିଦ୍ୟାଳୟ ବଗିଚାରେ କୀଟ ପତଙ୍ଗର ଜୀବନ ଶୈଳୀ ଅନୁଧ୍ୟାନ କରି କାର୍ଯ୍ୟଫର୍ଦ୍ଦରେ ଲେଖିବା ପାଇଁ କହିଲେ, ଯାହାକି ମିତା, ବିଦ୍ୟାଳୟ ବଗିଚାରେ ପର୍ଯ୍ୟବେକ୍ଷଣ ପରେ ପୂର୍ବ ସପ୍ତାହରେ ପ୍ରସ୍ତୁତ କରିଥିଲେ ।

ଟିପ୍ପଣୀ

ତୁମେ ମିତାଙ୍କର ଚିନ୍ତାଧାରା ଓ ପନ୍ଥାରେ ଏକମତ କି ? ପ୍ରତ୍ୟେକ ପିଲା ଶିକ୍ଷଣରେ ନିୟୋଜିତ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ କି? ଯଦି ପ୍ରତ୍ୟେକ ପିଲା ଶିକ୍ଷଣରେ ନିୟୋଜିତ ରୁହନ୍ତି ତୁମେ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କର ଉପକାର ବିଷୟରେ କ'ଣ ଚିନ୍ତା କର? କେତୋଟି ଉପକାରର ତାଲିକା କର-

ପିଲାଙ୍କ ପାଇଁ ଉପକାର ....................................

ଶିକ୍ଷକଙ୍କ ପାଇଁ ଉପକାର ....................................

### ୫.୨.୨ : ଅମୃତ୍ ଜଣେ ପରିବେଶ ଅଧ୍ୟୟନ ଶିକ୍ଷକ

ଅମୃତ୍, ପିଲାଙ୍କ ସହିତ ବସନ୍ତି ଏବଂ କାଦୁଅରୁ ଜିନିଷ ତିଆରି କରିବା ସେମାନେ ଶିଖନ୍ତି । ସୋମା, ଅନ୍ୟ ପିଲାଙ୍କ ସହିତ ଚଟାଣରେ ବସିପାରେ ନାହିଁ । ସେ ଚଉକିରେ ବସେ ଏବଂ ତା'ର ସହପାଠୀ ଏବଂ ଅମୃତଙ୍କ ପାଖରୁ କାଦୁଅରୁ ବିଭିନ୍ନ ପ୍ରକାର ଜିନିଷ ତିଆରି କରିବା ଶିଖେ । ଏହି କାର୍ଯ୍ୟ କରିବା ସମୟରେ ଅମୃତ୍ ପିଲାଙ୍କ ସହିତ କଥାବାର୍ତ୍ତା ହୁଅନ୍ତି ଏବଂ ସେମାନଙ୍କର ସୃଜନଶୀଳତାକୁ ଉତ୍ସାହିତ କରନ୍ତି । ତା'ପରେ ସେ ପିଲାମାନଙ୍କୁ କ୍ଷୁଦ୍ରକ୍ଷୁଦ୍ର ଦଳରେ ବସାନ୍ତି ଏବଂ ମାଟିରେ ତାଙ୍କ ପସନ୍ଦର ଏକ ଦୃଶ୍ୟ / ଛବି ତିଆରି କରିବା ପାଇଁ କହନ୍ତି । ଗୋଟିଏ ଦଳ ଘରର ଦୃଶ୍ୟ, ଅନ୍ୟ ଏକ ଦଳ ଦୋକାନର ଦୃଶ୍ୟ, ଆଉ ଏକ ଦଳ ଗଛ, ପକ୍ଷୀ ଓ କୀଟପତଙ୍ଗର ଦୃଶ୍ୟ ତିଆରି କରନ୍ତି ।

ପିଲାମାନେ ନିଜନିଜ ଚିନ୍ତନରୁ କାଦୁଅରୁ ବିଭିନ୍ନ ପ୍ରକାର ବସ୍ତୁର ଦୃଶ୍ୟ ତିଆରି କରୁଥିବାର ଦେଖି ଅମୃତ୍ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ପିଲାମାନେ ତିଆରି କରିଥିବା ବସ୍ତୁ ବିଷୟରେ ପିଲାଙ୍କୁ ପଚାରନ୍ତି ଏବଂ ସେମାନଙ୍କୁ ଉତ୍ସାହିତ କରନ୍ତି । ତୃତୀୟ ଶ୍ରେଣୀ ପିଲାଙ୍କର ପରିବେଶ ଅଧ୍ୟୟନ ବିଷୟରେ "ପାତ୍ର ତିଆରି" ଅଧ୍ୟାୟ ପଢେଇବା ପାଇଁ ଅମୃତ ଏହି ପ୍ରକାର କାର୍ଯ୍ୟ କରନ୍ତି । ଅମୃତ୍, ପ୍ରତ୍ୟେକ ପିଲାଙ୍କୁ ସେମାନଙ୍କର ଜ୍ଞାନ ଓ କୃତିତ୍ୱ ପ୍ରଦର୍ଶନ କରିବା ପାଇଁ ସୁଯୋଗ ଦିଅନ୍ତି । ତାଙ୍କର ଶ୍ରେଣୀ କକ୍ଷର ବାତାବରଣ ବହୁତ ସ୍ୱଚ୍ଛନ୍ଦ ଓ ଜୀବନ୍ତ ହୋଇଥାଏ ।

### ୫.୨.୩ : ପଢ ଏବଂ ଚିନ୍ତା କର

ତୁମେ ଦେଖିବ ଯେ, ଅମୃତଙ୍କର ଏହି କାର୍ଯ୍ୟଟି ତାଙ୍କ ପରିବେଶ ଅଧ୍ୟୟନ ପ୍ରସଙ୍ଗର "ଆମେ ପ୍ରସ୍ତୁତ ଓ ତିଆରି କରିବା ଜିନିଷ" ଓ ଅଧ୍ୟାୟ ସହିତ ସଂପୃକ୍ତ । ତୁମ ମତରେ ଅମୃତଙ୍କର ଶିକ୍ଷାଦାନ ପ୍ରଣାଳୀର କେଉଁ ଦିଗ ଗୁରୁତ୍ୱପୂର୍ଣ୍ଣ ? ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟା ସଂପାଦନ କରିବା ସମୟରେ, ତୁମେ କେଉଁ ଶୈଳୀରେ ପିଲାମାନଙ୍କୁ ନିୟୋଜିତ କରିବ ଯେକୌଣସି ଦୁଇଟି କୌଶଳ ଉଲ୍ଲେଖ କର ।

## ୫.୩: ଶିକ୍ଷଣ କାର୍ଯ୍ୟ- ଭିତ୍ତିକ ଶିକ୍ଷଣ

ବିଭାଗ-୧, ଏକକ-୨ରେ, ପ୍ରାକୃତିକ ସଂପଦର ସୁବିନିଯୋଗ ଏବଂ ସୁସ୍ଥ ପରିବେଶ ଗଠନ ପାଇଁ ପ୍ରାଥମିକ ସ୍ତରର ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି । ତେଣୁ ଶିକ୍ଷକ ପିଲାମାନଙ୍କୁ ପରିବେଶ ସହିତ ଯେତେ ସମ୍ଭବ ସେତେ ଜଡିତ ରଖିବା ଆବଶ୍ୟକ, ତେଣୁ ଏକକ-୩ରେ ଆଲୋଚିତ ହୋଇଛି ଯେ, ବାସ୍ତବ ଜୀବନ ଆଧାରିତ କାର୍ଯ୍ୟଭିତ୍ତିକ ଶିକ୍ଷାଦାନ କୌଶଳ ପରିବେଶ ଅଧ୍ୟୟନ ପାଇଁ ଫଳପ୍ରଦ ଅଟେ ।

NCF-୨୦୦୫ ରେ, ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟ ଉଲ୍ଲେଖ ହୋଇଛି ଯେ, "ପିଲାମାନଙ୍କ ମଧ୍ୟରେ ସେମାନଙ୍କର ପରିବେଶ ପ୍ରତି ଆଗ୍ରହ ଓ ସଚେତନତା ସୃଷ୍ଟି କରିବା । ପରିବେଶକୁ ବୁଝିବା, ପରିବେଶ ସମ୍ବନ୍ଧୀୟ ଜ୍ଞାନ, ସଂପର୍କ, ପରିବେଶ ପ୍ରତି ପିଲାଙ୍କ ମଧ୍ୟରେ ପ୍ରଭାବଶାଳୀ ଗୁଣାବଳୀ (ପ୍ରଶଂସା, ମୂଲ୍ୟବୋଧ, ମନୋଭାବ) ସୃଷ୍ଟି କରିବା, ପର୍ଯ୍ୟବେକ୍ଷଣ ଓ ମାପିବା ପ୍ରକ୍ରିୟାର ଦକ୍ଷତା ହାସଲ, ତଥ୍ୟ ସଂଗ୍ରହ ଓ ସଂରଚନା,

ଟିପ୍ପଣୀ

ସୃଜନାତ୍ମକ ଅଭିବ୍ୟକ୍ତି ଇତ୍ୟାଦି" । କାର୍ଯ୍ୟଭିତ୍ତିକ ଶିକ୍ଷଣର ଅର୍ଥ ପିଲାମାନଙ୍କର ନିଜର ଅଭିଜ୍ଞତାକୁ ଆଧାର କରି ତାଙ୍କର ଜ୍ଞାନର ଗଠନ ଓ ପୁନଃଗଠନ ପାଇଁ ସେମାନଙ୍କୁ ସକ୍ରିୟ ଅଂଶ ଗ୍ରହଣରେ ନିୟୋଜିତ କରିବା ।

**୫.୩.୧ ପରିବେଶ ଅଧ୍ୟୟନ ପାଇଁ କେଉଁ ପ୍ରକାର କାର୍ଯ୍ୟ ସମୂହ କରିବା**

**ଏକ ଶୈକ୍ଷିକ କାର୍ଯ୍ୟ :**

- ଅତିକମରେ ପରିବେଶ ଅଧ୍ୟୟନର ଯେକୌଣସି ଏକ ଉଦ୍ଦେଶ୍ୟ ସହ ସ୍ପଷ୍ଟ ରୂପେ ସଂପର୍କିତ ହେବା ।
- ଶିକ୍ଷାର୍ଥୀମାନଙ୍କ ପାଇଁ ବାସ୍ତବ ଜୀବନ ଆଧାରିତ ଜଡିତ ତଥା ଆନନ୍ଦଦାୟୀ ହେବା ।
- ପିଲାଙ୍କ ପାଇଁ ନିରାପଦ ହେବା ।
- ଅଧିକ ସମୟ ସାପେକ୍ଷ ହେବ ନାହିଁ, ଏକ ଦୀର୍ଘ କାର୍ଯ୍ୟ ବିରତି ସହ କ୍ଷୁଦ୍ର କ୍ଷୁଦ୍ର ଅଂଶରେ ବିଭାଜିତ କରାଯାଇପାରିବ ।
- ପିଲାଙ୍କ ବୟସ ଉପଯୋଗୀ ହେବା ।
- ଏଭଳି ହେବା ଦରକାର ଯାହା ପିଲାଙ୍କ ପାଇଁ ଆଗ୍ରହ ଓ ଉତ୍କଣ୍ଠା ଉଦ୍ରେକ କରିବ ।
- ଅର୍ଥପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ଓ ସ୍ୱନିର୍ଦ୍ଦେଶିତ ଶିକ୍ଷଣ ପ୍ରକ୍ରିୟା ସୃଷ୍ଟି କରିବ ।
- ସମସ୍ତ ପିଲାଙ୍କୁ ନିୟୋଜିତ କରିବ ।

ପରିବେଶ ଅଧ୍ୟୟନ ଶିକ୍ଷକ ହିସାବରେ ତୁମ ଅଭିଜ୍ଞତା ଆଧାରରେ ଧାରଣାର ପରିଚାଳନା ପାଇଁ ତୁମେ ବିଭିନ୍ନ ପ୍ରକାର କାର୍ଯ୍ୟର ବ୍ୟବହାର କରୁଥିବ । ଉପରେ ବର୍ଣ୍ଣିତ ତାଲିକାରେ ଯୋଡିବା ପାଇଁ ତୁମର ଆଉ କେତେକ ଦିଗ ଥାଇପାରେ ।

**୫.୩.୨ କେତେକ ନମୂନା ଶିକ୍ଷଣ କାର୍ଯ୍ୟ**

ପିଲାମାନଙ୍କୁ ସେମାନଙ୍କ ପ୍ରସଙ୍ଗ ବ୍ୟକ୍ତିଗତ ଏବଂ ଅଭିଜ୍ଞତାକୁ ଆଣିବା ଓ ବିନିମୟ କରିବା ପାଇଁ ଉତ୍ସାହିତ କରିବା ।

ତୃତୀୟ ଶ୍ରେଣୀ, ପାଠ-୧୪, 'ଖାଦ୍ୟର ଗନ୍ଧ',

ସେମାନଙ୍କ ଘରେ କିଏ କ'ଣ କାର୍ଯ୍ୟ କରନ୍ତି ତା'ର ସାରଣୀ

ଚତୁର୍ଥ ଶ୍ରେଣୀ, ପାଠ-୧, 'ବିଦ୍ୟାଳୟକୁ ଯିବା'

ତୁମେ ସାଇକେଲ ଚଢିପାରିବ କି ?

ଯଦି ହଁ, କିଏ ତୁମକୁ ଲେଖିବାକୁ ଶିଖେଇଲେ ?

ତୁମେ କେବେ ଏକ ଘଞ୍ଚ ଅରଣ୍ୟକୁ ଯାଇଛ ?

ପଞ୍ଚମ ଶ୍ରେଣୀ , ପାଠ - ୨୧, 'ଯେମିତି ବାପା ସେମିତି ଝିଅ'

ତୁମ ପରିବାରର କାହା ସହିତ ତୁମର ଚୁଟି ସମାନ ଅଟେ ?

ଯଦି ହଁ, ତାଙ୍କର ନାମ କ'ଣ ?

■ ସୂଚନା ଖୋଜି ବାହାର କରିବା ଓ ସଂଗ୍ରହ କରିବାକୁ ପିତାମାତା ଓ ଗୁରୁଜନ ଏବଂ ଗୋଷ୍ଠୀ ସଦସ୍ୟଙ୍କ ସହ କଥାବର୍ତ୍ତା ପାଇଁ ଉତ୍ସାହିତ କରିବା ।

ତୃତୀୟ ଶ୍ରେଣୀ, ପାଠ-୧୯, "ଆମେ ଖେଳୁଥିବା ଖେଳ"

ବୟସ୍କମାନେ ଯେତେବେଳେ ପିଲା ଥିଲେ କ'ଣ କ'ଣ ଖେଳ ଖେଳୁଥିଲେ ତାହାର ତଥ୍ୟ ସଂଗ୍ରହ କର ।

ଚତୁର୍ଥ ଶ୍ରେଣୀ, ପାଠ-୫, 'ପରିବର୍ତ୍ତିତ ସମୟ' ବା କାଳର ପରିବର୍ତ୍ତନ । ତୁମେ ତୁମର ଜେଜେବାପା ଓ ଜେଜେମାଙ୍କୁ ପଚାର ଯେତେବେଳେ ସେମାନେ ୮/୯ ବର୍ଷର ଥିଲେ କେଉଁଠି ଓ କିଭଳି ଜୀବନ ନିର୍ବାହ କରୁଥିଲେ ? ସେମାନଙ୍କ ଘରେ ଶୌଚାଳୟ ଥିଲା କି ?

ପଞ୍ଚମ ଶ୍ରେଣୀ, ପାଠ-୧୨, 'ଯଦି ଏହା ସରିଯାଏ ତେବେ କ'ଣ ଘଟିବ ?'

ତୁମର ବଡ଼ ଭାଇ ଓ ଭଉଣୀମାନେ, ପିଲା ଥିଲାବେଳେ ଘରେ ରୋଷେଇ ହେଉଥିବା ଖାଦ୍ୟ ପଦାର୍ଥର ନାମ ପଚାରି ସଂଗ୍ରହ କର ?

ପର୍ଯ୍ୟବେକ୍ଷଣ, ଲିପିବଦ୍ଧକରଣ, ସାକ୍ଷାତକାର ଓ ଅନୁସନ୍ଧାନ ଏବଂ ବିବରଣୀ ଉପସ୍ଥାପନ କରିବାକୁ ପଡିଶାର ବିଭିନ୍ନ ସ୍ଥାନକୁ ଯିବା ପାଇଁ ଉତ୍ସାହିତ କରିବା ।

ଶ୍ରେଣୀ-ତୃତୀୟ, ପାଠ-୮, 'ଉଚ୍ଚକୁ ଉଡ଼ିବା'

ଉପସ୍ଥାପନ ପାଇଁ ପକ୍ଷୀକୁ ପର୍ଯ୍ୟବେକ୍ଷଣ କରିବା ଓ ପର୍ଯ୍ୟବେକ୍ଷଣକୁ ଲିପିବଦ୍ଧ କରିବା ।

ଶ୍ରେଣୀ-ଚତୁର୍ଥ, ପାଠ-୧୨, 'ସମୟର ପରିବର୍ତ୍ତନ'

ନିର୍ମାଣ କାର୍ଯ୍ୟ ଚାଲିଥିବା ସ୍ଥାନର ପରିଦର୍ଶନ ଓ ସେଠାରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କୁ ସାକ୍ଷାତକାର କରିବା ଏବଂ ଏକ ବିବରଣୀ ଲେଖିବା ।

ଶ୍ରେଣୀ-ପଞ୍ଚମ, ପାଠ-୮, 'ମଶାମାନଙ୍କ ପାଇଁ ଚିକିତ୍ସା'

ବିଦ୍ୟାଳୟ ପରିସର: ଯାଞ୍ଚ ଓ ଅନୁସନ୍ଧାନ କର

ଏକ ବ୍ୟାବସାୟିକ ପ୍ରତିଷ୍ଠାନର ପରିଦର୍ଶନ ଓ ଏକ ବିବରଣୀ ଲିଖନ

**୫.୩.୩:- ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟର ପରିଚାଳନା-** କଣ ପଢାହେବ ପାଠ୍ୟକ୍ରମ ତାର ଏକ ସ୍ଥୁଳ ଚିତ୍ର ଦେଇଥାଏ । ଉତ୍ତମ ମାନର ଶିକ୍ଷାଦାନ- ଶିକ୍ଷଣ ପ୍ରଣାଳୀ ଓ ଯୋଗାଯୋଗର ଅଭାବ ଶିକ୍ଷକ ମାନଙ୍କ ପାଖରେ ପରିଲକ୍ଷିତ ହେଉଅଛି । ପୂର୍ବର 'ଚକଖଡ଼ି ଓ ପଢ଼େଇବା' ପନ୍ଥା ଅପେକ୍ଷା ଏକ ଉନ୍ନତ ଶିକ୍ଷାଦାନ ପ୍ରଣାଳୀର ଯଥେଷ୍ଟ ଆବଶ୍ୟକତା ରହିଛି । ପାଠ ବହିରେ ଗୁଡ଼ିଏ ଶିକ୍ଷଣ କାର୍ଯ୍ୟର ସୂଚନା ଦିଆଯାଇଛି । ଶିକ୍ଷଣ ପ୍ରଣାଳୀରେ ପିଲାମାନେ ସକ୍ରିୟ ଅଂଶ ଗ୍ରହଣ କରିବା ଆବଶ୍ୟକ । ପୁସ୍ତକରେ ବିଭିନ୍ନ କାର୍ଯ୍ୟରେ ପିଲାମାନଙ୍କୁ କିପରି ନିୟୋଜିତ କରିବା ତାହାର ଉଦାହରଣ ଦିଆଯାଇଛି । ତାଙ୍କର ଭବିଷ୍ୟତ ବାସ୍ତବ ଜୀବନରେ ବ୍ୟାବହାରିକ ଦକ୍ଷତା ବୃଦ୍ଧିପାଇଁ, ଏହା ସାହାଯ୍ୟ କରିବ । "କାର୍ଯ୍ୟଦ୍ୱାରା ଶିକ୍ଷଣ" ବା "କାର୍ଯ୍ୟଭିତ୍ତିକ ଶିକ୍ଷଣ ପନ୍ଥା", ଦ୍ୱାରା ଏହା ହୋଇପାରିବ । ପରିକ୍ଷଣ ଭିତ୍ତିକ ଶିକ୍ଷଣ ପ୍ରକ୍ରିୟାର ଏଗୁଡିକ ଅଂଶ ଅଟନ୍ତି ।

**ଫଳପ୍ରଦ ତଥା -** ସକ୍ରିୟ ଶିକ୍ଷଣ ପାଇଁ ବିଭିନ୍ନ ଶିକ୍ଷାଦାନ ପ୍ରଣାଳୀର ଆବଶ୍ୟକତା ରହିଛି । ଏହି ପ୍ରଣାଳୀ- ପିଲାମାନଙ୍କ ଆଗ୍ରହ, କୌତୁହଳ, ମାନସିକ, ଶାରୀରିକ, ମାନବିକତା, ନୈତିକତା, ବ୍ୟାବହାରିକ ତଥା ସକରାତ୍ମକ

ଟିପ୍ପଣୀ

ମନୋଭାବର ବୃଦ୍ଧି ଉପରେ ପର୍ଯ୍ୟବେଶିତ ହେବା ଉଚିତ୍ । ତୁମେ, ଜଣେ ପରିବେଶ ଅଧ୍ୟୟନ ଶିକ୍ଷକ ହିସାବରେ ଶ୍ରେଣୀର କାର୍ଯ୍ୟଭିତ୍ତିକ ପନ୍ଥା ଅବଲମ୍ବନ କଲେ ଏହା ବକ୍ତୃତା କିମ୍ବା ପ୍ରଦର୍ଶନ ଶୈଳୀଠାରୁ ନିଶ୍ଚିତ ଅଧିକ ସମୟ ନେବ । ତେଣୁ ଏହି କାର୍ଯ୍ୟଭିତ୍ତିକ ଶିକ୍ଷଣ ତୁମ ପାଇଁ ବୋଝ ହେବା ପରିବର୍ତ୍ତେ ତୁମର ଶିକ୍ଷାଦାନ ଶୈଳୀ, ପିଲାମାନଙ୍କର ବୋଧଗମ୍ୟତା ବୃଦ୍ଧି ତଥା ପିଲାମାନଙ୍କର ସୃଜନ ଶକ୍ତିର ବିକାଶ ନିମନ୍ତେ ହେବା ଉଚିତ୍ । ଏହାର ଉପଯୋଗୀତା ତୁମର ଓ ଶିକ୍ଷାର୍ଥୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ସନ୍ତୋଷ ପ୍ରଦାୟକ । କାର୍ଯ୍ୟଭିତ୍ତିକ ଶିକ୍ଷଣର ଅଭ୍ୟାସ ନିମିତ୍ତ ଚାରୋଟି ସୋପାନ ହେଉଛି:

**କ. ଯୋଜନା କରିବା**

୧. ପରିବେଶ ଅଧ୍ୟୟନ ଶିକ୍ଷଣର ଉଦ୍ଦେଶ୍ୟ ଗୁଡିକୁ ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ ଯାହା ଯୋଜନାକୃତ କାର୍ଯ୍ୟ ମାଧ୍ୟମରେ ହାସଲ ହୋଇପାରିବ ।

୨. କାର୍ଯ୍ୟଭିତ୍ତିକ ଶିକ୍ଷାଦାନ ପାଇଁ ଆବଶ୍ୟକ ବିଭିନ୍ନ ସମ୍ବଳ ଯଥା - ସାମଗ୍ରୀ ଓ ଶୈକ୍ଷିକ ସମ୍ବଳ ଇତ୍ୟାଦି ର ଏକ ତାଲିକା ପ୍ରସ୍ତୁତ କରିବା ଆବଶ୍ୟକ ।

୩. ଏକ କାର୍ଯ୍ୟ ସଂପାଦନ ହେଲାପରେ ତା' ବିଷୟରେ ଆଲୋଚନା, ତଥା କାର୍ଯ୍ୟର ସୁସମ୍ପାଦନା ପାଇଁ ଆଉ ଅଧିକ କ'ଣ କରାଯାଇପାରିବ ତାହାର ଏକ ଯୋଜନା କରିବା ଆବଶ୍ୟକ । ଏହା ସହ ଶିକ୍ଷାର୍ଥୀ ଓ ଶିକ୍ଷଣ କାର୍ଯ୍ୟର ଆକଳନ ପାଇଁ ମଧ୍ୟ ତୁମେ ପ୍ରସ୍ତୁତ ରହିବା ଆବଶ୍ୟକ ।

**ଖ. ଶିକ୍ଷଣ କାର୍ଯ୍ୟ ପରିଚାଳନା କରିବା**

କାର୍ଯ୍ୟ ସଂଚାଳନ ସମୟରେ ଜଣେ ସହାୟକ ହିସାବରେ ତୁମେ ନିମ୍ନଲିଖିତ ସ୍ତରରେ କାର୍ଯ୍ୟ କରିବା ଆବଶ୍ୟକ କରିପାର ।

କାର୍ଯ୍ୟ ଆରମ୍ଭ ପ୍ରକ୍ରିୟା କାର୍ଯ୍ୟର ଉଦ୍ଦେଶ୍ୟ, ସମୟସୀମା, ମୂଲ୍ୟାୟନ ଏବଂ ଏଥିରେ ପିଲାଙ୍କର ଭୂମିକା କ'ଣ ସେ ବିଷୟରେ ପିଲାଙ୍କୁ ଅବଗତ କରିବା ।

**କାର୍ଯ୍ୟ ସହିତ ଆଗେଇବା**

ଶିକ୍ଷଣ କାର୍ଯ୍ୟ ସଂପାଦନ କରିବା ସମୟରେ ଜଣେ ସଂଚାଳକ ହିସାବରେ ତୁମେ ଉଦ୍ଦେଶ୍ୟ ମୁତାବକ ପିଲାମାନେ ଠିକ୍ ଭାବରେ କାର୍ଯ୍ୟ କରୁଛନ୍ତି କି ନା ତଦାରଖ କରିବ । ପିଲାମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ।

**କାର୍ଯ୍ୟ ସମାପ୍ତି**

ଶିକ୍ଷଣର ସଂଗଠନ ପାଇଁ ଏହି ସୋପାନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାମାନେ ନିଜ ଅଭିଜ୍ଞତାକୁ ଭିତ୍ତି କରି ପରିବେଶ ବିଜ୍ଞାନ ଶିକ୍ଷଣ ଉଦ୍ଦେଶ୍ୟ ହାସଲ କରିବେ । ଯଦି ଏହା ନ ହୋଇ ପାରିଲା ତେବେ ଶିକ୍ଷଣ କାର୍ଯ୍ୟକୁ ପିଲାମାନେ ଶିକ୍ଷଣ ସହ ସମ୍ପର୍କିତ କରିପାରନ୍ତି ନାହିଁ । ସେଠି ଶିକ୍ଷକ କାର୍ଯ୍ୟଟିକୁ ବାସ୍ତବ ଜୀବନ ସହ ସମ୍ବନ୍ଧ ଦର୍ଶାଇ ମଧ୍ୟ ସମାପନ କରିପାରିବେ । ଏହି ସୋପାନଟି ପିଲାଙ୍କ ଅଭିଜ୍ଞତା ଓ ପାଠ୍ୟପୁସ୍ତକ ଜ୍ଞାନ ମଧ୍ୟରେ ସଂପର୍କ ସ୍ଥାପନ କରୁଥିବାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

**ଗ. ପ୍ରକ୍ରିୟା ଉପରେ ପ୍ରତିଫଳନ**

କାର୍ଯ୍ୟ ସଂପାଦନ ସମୟରେ ଯାହାଯାହା ଶିକ୍ଷଣ ହେଲା ତାହା ଶିକ୍ଷକ ନିଜ ଖାତାରେ ଲେଖିବେ । ଯେଉଁ

ବିଶ୍ଳେଷଣ ତୁମକୁ ସାହାଯ୍ୟ କରିବ ତାହା ହେଲା କେଉଁ କାର୍ଯ୍ୟ ସଂପାଦନ ଦ୍ୱାରା ଉଦ୍ଦେଶ୍ୟ ହାସଲ ହେଲା ଓ କେଉଁ କାର୍ଯ୍ୟଦ୍ୱାରା ହେଲା ନାହିଁ ଓ କାହିଁକି ହେଲା ନାହିଁ ତାହା ବିଚାର କରନ୍ତି । ଏହା ତୁମର କାର୍ଯ୍ୟ ସଂପାଦନର ଯୋଜନା, ଶୈଳୀ, ଆଦି ଦକ୍ଷତା ବୃଦ୍ଧି କରିବାରେ ଭବିଷ୍ୟତରେ ସାହାଯ୍ୟ କରିବ ।

**ଘ. ପୁନଃ ସମୀକ୍ଷା :** ପ୍ରତିଫଳନ ଦ୍ୱାରା କାର୍ଯ୍ୟ ସଂପାଦନର ଉପଯୋଗୀତା ଓ ସାମର୍ଥ୍ୟ ଶିକ୍ଷକ ଅନୁଭବ କରନ୍ତି । ଅଭିଜ୍ଞତାର ବସ୍ତୁ ନିଷ୍ଠ ବିଶ୍ଳେଷଣ ପରବର୍ତ୍ତୀ କାର୍ଯ୍ୟ କରିବାର ଦକ୍ଷତାକୁ ବୃଦ୍ଧି କରାଏ ।

**୫.୩.୪ :- କାର୍ଯ୍ୟ ଆଧାରିତ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି କରିବା**

**ଶିକ୍ଷଣ କାର୍ଯ୍ୟ ଆଧାରିତ ପନ୍ଥା ପାଇଁ, ଶିକ୍ଷକ**

କ. ଶ୍ରେଣୀରେ ଅନୁକୂଳ ବାତାବରଣ ସୃଷ୍ଟିକରିବେ, ଯାହା ଉତ୍ସାହପ୍ରଦ ହେବା ସହ ଆହ୍ୱାନମୂଳକ ଅଟେ । ପିଲାମାନଙ୍କ ମଧ୍ୟରେ ପାରସ୍ପରିକ କ୍ରିୟା ଚାଲୁ ରଖିବା ସହିତ ସେମାନଙ୍କୁ ଉତ୍ସାହିତ କରିବେ ଯେପରି ସେମାନେ ନିଜ ଅଗ୍ରଗତିର ସମୀକ୍ଷା କରିବେ ।

ଖ. ଶ୍ରେଣୀ ଗୃହରେ ଏକ ସୁସଂଗଠିତ ପାଠ ଯୋଜନା, ଆବଶ୍ୟକ ଶ୍ରେଣୀଗୃହ, ଶିକ୍ଷଣ ସାମଗ୍ରୀର ବ୍ୟବସ୍ଥା କରିବେ । ପିଲାମାନଙ୍କର ଦୈନନ୍ଦିନ ଜୀବନଯାପନକୁ ଭିତ୍ତିକରି, ଉପଯୁକ୍ତ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ପରିବେଶ ଅଧ୍ୟୟନ ଶିକ୍ଷାଦାନ କରିବେ ।

ଗ. ପ୍ରତ୍ୟେକ ପିଲାଙ୍କ ସାମାଜିକ, ଆବେଗିକ, ଶୈକ୍ଷିକ ପରିବେଶ ଓ ଆବଶ୍ୟକତାକୁ ଭିତ୍ତି କରି ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ଶିକ୍ଷାଦାନ କରିବେ ।

ଘ. ପାଠକୁ ଆଉ ଥରେ ସଂକ୍ଷେପରେ କହିବେ, ପ୍ରୋତ୍ସାହନ ଦେବେ, ଚିନ୍ତା କରିବାର ସୁଯୋଗ, ଅଧିକ ଆଲୋଚନା କରିବାର ସୁଯୋଗ, ଅଧିକ ଆଲୋଚନା କରିବା ପାଇଁ ବାତାବରଣ ସୃଷ୍ଟି କରିବେ ।

**ନିଜ ଅଗ୍ରଗତି ଆକଳନ - ୧**

ପରିବେଶ ଅଧ୍ୟୟନ ଶିକ୍ଷଣ କାର୍ଯ୍ୟ ସଗଂଠନର ୪ଟି ସୋପାନ କ'ଣ ? ଏକ ପରିବେଶ ଅଧ୍ୟୟନ ଶିକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକ ସୋପାନକୁ ସଂକ୍ଷେପରେ ବର୍ଣ୍ଣନା କର ।

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

ପରିବେଶ ଅଧ୍ୟୟନ ଶିକ୍ଷଣ କାର୍ଯ୍ୟ ଅନ୍ୱେଷଣକୁ ଅର୍ନ୍ତଭୁକ୍ତ କରିଥାଏ । କାରଣ ଏହି ପ୍ରକ୍ରିୟା ପିଲାର ଉଭୟ ଶାରୀରିକ ଓ ମାନସିକ ପରିସରକୁ ନିୟୋଜିତ କରିଥାଏ । ତେଣୁ ଶିକ୍ଷକ ଶ୍ରେଣୀ ଗୃହରେ ଶିକ୍ଷଣ କାର୍ଯ୍ୟ ସମ୍ପାଦନ ବେଳେ, ପିଲାଙ୍କର ଶାରୀରିକ ଓ ମାନସିକ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବେ । ଯେଉଁ ପିଲାମାନଙ୍କ କ୍ଷେତ୍ରରେ ମାନସିକ

ଟିପ୍ପଣୀ

ନିଯୁକ୍ତି (ଚିନ୍ତାକରିବା, ପ୍ରକାଶକରିବା)ର ସୁଯୋଗ ନଥାଏ- ସେମାନେ ସାଧାରଣତଃ ଲାଜକୁଳା ସ୍ୱଭାବର, କମ୍ କଥା ତଥା- କମ୍ ଦୃଢ ବିଶ୍ୱାସ ସଂପର୍କ୍ତ ହୋଇଥାନ୍ତି ।

ମନେ ରଖ ଯେ ଏକ ଶିକ୍ଷଣ କାର୍ଯ୍ୟର ନିର୍ଦ୍ଦିଷ୍ଟ ଲକ୍ଷ୍ୟ/ଉଦ୍ଦେଶ୍ୟ ରହିବା ସହିତ ଏହା ପାଠ୍ୟକ୍ରମ ସହ ସଂଯୋଗ ସ୍ଥାପନ କରୁଥିବା ଦରକାର । ଶିକ୍ଷଣ କାର୍ଯ୍ୟଟିରୁ ଶିକ୍ଷଣର ସଂକ୍ଷେପଣ ହେବା ସହ ପାଠ୍ୟକ୍ରମ ସହ ସମ୍ବନ୍ଧିତ ହେବା ଦରକାର ।

**୫.୩.୫ :- ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପନ୍ଥାର ଉପକାରିତା**

**ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପନ୍ଥା**

- ପ୍ରଦର୍ଶନ ବା ବ୍ୟାବହାରିକ କାର୍ଯ୍ୟ ମାଧମରେ ଅମୂର୍ତ୍ତ ତଥ୍ୟକୁ ସ୍ପଷ୍ଟ କରିବାରେ ସାହାଯ୍ୟ କରିଥାଏ ।
- ଗଣିତ ଓ ବିଜ୍ଞାନ ତଥ୍ୟ ବ୍ୟବହାର କରି ପିଲାଙ୍କର ବିଷୟଗତ ବୋଧଗମ୍ୟତା ବୃଦ୍ଧି କରିବାରେ ସାହାଯ୍ୟ କରିବା ।
- ବହୁ ଇନ୍ଦ୍ରିୟ (ଦୃଶ୍ୟ, ଶ୍ରାବ୍ୟ, ସ୍ପର୍ଶ, ଘ୍ରାଣ, ସ୍ୱାଦ) ବ୍ୟବହାରର ସୁଯୋଗ ସୃଷ୍ଟିକରେ ଓ ଶିକ୍ଷଣକୁ ଦୀର୍ଘସ୍ଥାୟୀ କରେ ।
- ପିଲାମାନଙ୍କର ସୃଜନଶୀଳତା ଓ ନମନୀୟତା ପାଇଁ ବିଭିନ୍ନ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଏକତ୍ରୀକରଣ କରିବାରେ ସହାୟକ ହୁଏ ।
- ବୟସ୍କଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତ୍ତେ ପିଲାଙ୍କ ସ୍ତରକୁ ଯାଇ ଶିକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦିଏ ।
- ପିଲାଙ୍କର ଆବିଷ୍କାର ମନୋବୃତ୍ତିର ବିକାଶରେ ସାହାଯ୍ୟ କରିଥାଏ ।
- ବିଷୟଗତ ଜ୍ଞାନ ସହିତ ବିଭିନ୍ନ ଜୀବନ କୌଶଳ ଶିକ୍ଷା ଦେବାର ସୁଯୋଗ ସୃଷ୍ଟି କରେ ।

**୫.୩.୬ :- ଗୋଟିଏ ପରିବେଶ ଅଧ୍ୟୟନ ଶିକ୍ଷଣ କାର୍ଯ୍ୟର ଏକ ଉଦାହରଣ**

**ତୁମର ଆବର୍ଜନା ବା ଅବ୍ୟବହୃତ ଜିନିଷର ପୃଥକୀକରଣ**

**ଉଦ୍ଦେଶ୍ୟ -**

ଶିକ୍ଷାର୍ଥୀମାନେ-

- ଅବ୍ୟବହୃତ ପଦାର୍ଥ ପୃଥକୀକରଣର ଗୁରୁତ୍ୱ ବୁଝାଇବେ ।
- ବିଭିନ୍ନ ପ୍ରକାର କଠିନ ଆବର୍ଜନାକୁ ଚିହ୍ନିବେ ଏବଂ ସେଗୁଡ଼ିକୁ ଶୁଖିଲା, ଓଦା, ସଂକ୍ରାମକ ଓ ବିଷାକ୍ତ ଶ୍ରେଣୀଭୁକ୍ତ କରିବେ ।

**ସାମଗ୍ରୀ:-**

ଲେଖିବା ସାମଗ୍ରୀ, ଚାରୋଟି ଖାଲି ବାକ୍ସ ବା ଡ଼ବା ।

**ପ୍ରଣାଳୀ:-**

୧. କଠିନ ଆବର୍ଜନା ଗୁଡ଼ିକର ଏକ ତାଲିକା କରି, ଏଗୁଡ଼ିକୁ ଶୁଖିଲା, ଓଦା, ସଂକ୍ରାମକ ଓ ବିଷାକ୍ତ ବିଭାଗରେ ରଖ ।

ଯଥା:- କାଗଜ, ପରିବା ଚୋପା, ବ୍ୟବହୃତ ବେଣ୍ଡେଜ୍ କନା ବା ପଟି, ଔଷଧ ବୋତଲ ଇତ୍ୟାଦି ।

୨. ଚାରୋଟି କାଗଜରେ ବିଭିନ୍ନ ଅଦରକାରୀ ଜିନିଷର ନାମ ଲେଖି ଏକତ୍ର ମିଶାଇ ଟେବୁଲ ଉପରେ ସଜାଇ ରଖ ।

୩. ଚାରୋଟି ବାକ୍ସକୁ ଶୁଖିଲା, ଓଦା, ସଂକ୍ରାମକ ଏବଂ ବିଷାକ୍ତ ଆବର୍ଜନା ଆଦି ନାମରେ ନାମିତ କରି ଟେବୁଲ ଠାରୁ ଅଳ୍ପ ଦୂରରେ ପିଲାଙ୍କ ସମ୍ମୁଖରେ ରଖାଯାଉ । ନାମରେ ନାମିତ କରି ଟେବୁଲଠାରୁ ଅଳ୍ପ ଦୂରରେ ପିଲାଙ୍କ ସମ୍ମୁଖରେ ରଖାଯାଉ । ବାକ୍ସ ଡ଼ବା କାଗଜ ଖଣ୍ଡଠାରୁ ପ୍ରାୟ ୧ ରୁ ୧.୫ ମିଟର ଦୂରରେ ରଖିବା ଉଚିତ୍ ।

୪. ଗୋଟିଏ କରତାଳି ଶବ୍ଦରେ ଜଣେ ପିଲା ଆସି ଅଦରକାରୀ ଜିନିଷ ଲେଖାଥିବା କାଗଜଗୁଡ଼ିକ ଅଲଗା କରି କାଗଜକୁ ଭାଙ୍ଗି ଏକ କ୍ଷୁଦ୍ର ପେଣ୍ଡୁରେ ପରିଣତ କରି ଉପଯୁକ୍ତ ବାକ୍ସରେ ରଖିବ,ଏହା ଦୁଇ ମିନିଟ୍ ସମୟରେ କରିବାକୁ ପଡ଼ିବ ।

୫. ଏହି କାର୍ଯ୍ୟପରେ ପିଲାମାନେ ବର୍ଣ୍ଣନା କରିବେ କାହିଁକି ସେମାନେ ସଂପୃକ୍ତ ଆବର୍ଜନା (କଦଳୀ ଚୋପା)ଗୁଡ଼ିକୁ ଉପଯୁକ୍ତ ବାକ୍ସ/ଡ଼ବାରେ ରଖିଲେ ।

୬. ପୁନଶ୍ଚ ଅନ୍ୟ ନାମ ଥାଇ ଭିନ୍ନଭିନ୍ନ କାଗଜ ଦେଇ ଅନ୍ୟ ଏକ ପିଲାକୁ ଡ଼ାକି ଏହି କାର୍ଯ୍ୟ ସଂପାଦନ କରାଯିବ ।

### ୫.୪ ସହଯୋଗୀ ଶିକ୍ଷଣ ପନ୍ଥା:-

ସହଯୋଗୀ ଶିକ୍ଷଣ ପନ୍ଥାର ଅନ୍ୱେଷଣ ପ୍ରକ୍ରିୟା ପୂର୍ବରୁ ଆସ ସହଯୋଗୀ ଶିକ୍ଷଣ କହିଲେ କ'ଣ ବୁଝିବା । ବିଶେଷଜ୍ଞମାନଙ୍କ ମତରେ ସହଯୋଗୀ ଶିକ୍ଷଣର ଦୁଇଟି ବ୍ୟାପକ ସଜ୍ଞା । ଏହାକୁ ପଢ ଓ ବିଦ୍ୟାଳୟରେ ସହକର୍ମୀଙ୍କ ସହ ସଜ୍ଞା ଦୁଇଟି ଆଲୋଚନା କରି ଶ୍ରେଣୀରେ ସହଯୋଗୀ ଶିକ୍ଷଣର ବ୍ୟବହାର କର ।

ବ୍ରୋଡ଼ି ଏବଂ ଡ଼ାଭିଡ୍‌ସନଙ୍କ ମତରେ, ସହଯୋଗୀ ଶିକ୍ଷଣ ପନ୍ଥା ହେଉଛି ଏକ ଶିକ୍ଷା ବିଜ୍ଞାନ ଯାହା ଶିକ୍ଷାଦାନ ପ୍ରକ୍ରିୟାରେ ବିବିଧତା ସୃଷ୍ଟି କରେ, "ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପହଞ୍ଚିବା ପାଇଁ ଦଳରେ କାର୍ଯ୍ୟ କରିବା, ଏକ ସାଧାରଣ ସମସ୍ୟାକୁ ଦଳରେ ବାଣ୍ଟି ପରସ୍ପରକୁ ସାହାଯ୍ୟ କରି ପ୍ରତ୍ୟେକ ପିଲାଙ୍କର ସହଯୋଗରେ ସମାଧାନ କରିବା ଏଠି ପ୍ରତ୍ୟେକ ଶିକ୍ଷାର୍ଥୀର ଅବଦାନ ଓ ପ୍ରଚେଷ୍ଟା ରହିଥାଏ ।

ଜି. ଯାକୋବଙ୍କ ମତରେ ସହଯୋଗୀ ଶିକ୍ଷଣ ହେଉଛି, "ଧାରଣା ଏବଂ କୌଶଳ ଯାହା ଦଳୀୟ କାର୍ଯ୍ୟ କରିବାର ଉପଯୋଗୀତା ବୃଦ୍ଧି କରେ ।"

**ସହଯୋଗୀ ଶିକ୍ଷଣ ଦଳଗତ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣକୁ ଅର୍ନ୍ତଭୁକ୍ତ କରିଥାଏ ।**

ଦଳଗତ କାର୍ଯ୍ୟ ଆମ ପାରିବାରିକ ଓ ସାମାଜିକ ଜୀବନର ଆଧାର ଅଟେ । ତେଣୁ ଶ୍ରେଣୀରେ ଦଳଗତ କାର୍ଯ୍ୟ କରି ଶିକ୍ଷାଦେବା, ଶିକ୍ଷାଦାନ- ଶିକ୍ଷଣ ବ୍ୟବସ୍ଥାର ଏକ ସ୍ୱାଭାବିକ ମାଧ୍ୟମ । ଏକତ୍ର ବାସ କରିବା, ଏକତ୍ର ଶିଖିବା, ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ଏକ ଅନ୍ତର୍ନିହିତ ଗୁଣ ଅଟେ । ପରିବେଶ ଅଧ୍ୟୟନ ଏବଂ ସହଯୋଗୀ ଶିକ୍ଷଣ ଶିକ୍ଷକଙ୍କୁ ଉତ୍ସାହିତ କରେ । ପରିବେଶ ଅଧ୍ୟୟନ ଓ ସହଯୋଗୀ ଶିକ୍ଷଣ ମଧ୍ୟରେ ସମନ୍ୱୟ ଅଛି ଏବଂ ଉଭୟର ସାଧାରଣ ମୂଲ୍ୟବୋଧ ଅଛି ।

- ଗୋଟିଏ ବିଷୟ ବା ଶ୍ରେଣୀର ସୀମା ବାହାରକୁ ଯିବା ।

ଟିପ୍ପଣୀ

- ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟାର ଦାର୍ଶନିକ ମୂଲ୍ୟବୋଧ ଧାରା ବାହାରକୁ ଯିବା ।
- ପିଲାମାନଙ୍କ ସାମାଜିକ ପୃଷ୍ଠଭୂମିକୁ ପ୍ରଶଂସା କରିବା, ସ୍ୱୀକୃତି ଦେବା ।
- ବ୍ୟକ୍ତି ଭିନ୍ନତାକୁ ପସନ୍ଦ କରିବା ଓ ଏହି ଭିନ୍ନତା ଏକ ଗଣତାନ୍ତ୍ରିକ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ।
- ସହ ଯୋଗର ମୂଲ୍ୟାୟନ ପାଇଁ ପିଲାମାନଙ୍କୁ ସାହାଯ୍ୟ କରିବା ।
- ଯୁବ ଶିକ୍ଷାର୍ଥୀକୁ ଦକ୍ଷ କରାଇବା ।

**୫.୪.୧ :- ସହଯୋଗୀ ଶିକ୍ଷଣ ର ଉପାଦେୟତା**

ସହଯୋଗୀ ଶିକ୍ଷଣର ଏକ ଦୃଢ ତାତ୍ତ୍ୱିକ, ଗବେଷଣାତ୍ମକ ଏବଂ ଅଭ୍ୟାସଗତ ଆଧାର ରହିଛି । ସହଯୋଗୀ ଶିକ୍ଷଣର ଅନେକ ଉପାଦେୟତା ବିଷୟରେ ତୁମେ ଏହି ପାଠ୍ୟକ୍ରମର ପାଠ-୩ ରେ ଆଗରୁ ପଢିସାରିଛ । ଯେତେବେଳେ ଦାୟିତ୍ୱପୂର୍ଣ୍ଣ ଭାବେ ପରିଚାଳିତ ହୁଏ ସହଯୋଗୀ ଶିକ୍ଷଣ ପିଲାଙ୍କର କେବଳ ଶୈକ୍ଷିକ ଉନ୍ନତିରେ ସାହାଯ୍ୟ ନକରି ସେମାନଙ୍କର ସାମାଜିକ ଦକ୍ଷତାକୁ ମଧ୍ୟ ବୃଦ୍ଧି କରାଏ ।

**ପରିବେଶ ଅଧ୍ୟୟନରେ ଏକତ୍ର ଶିଖିବା**

କିରଣ, ଜଣେ ପାଥମିକ ବିଦ୍ୟାଳୟର ଶିକ୍ଷକ । ସେ ସହଯୋଗୀ ଶିକ୍ଷଣର ଉପାଦେୟତା ବୁଝି ନିଜ ଶ୍ରେଣୀରେ ପରିବେଶ ଅଧ୍ୟୟନର 'ଭ୍ରମଣ' ବିଷୟ ପଢେଇବା ସମୟରେ ଏହା ପ୍ରୟୋଗ କରିଛନ୍ତି । ପିଲାମାନଙ୍କ ପରିବାରର କୌଣସି ସଦସ୍ୟ ଭ୍ରମଣରେ ଯାଇଥିବାର ସମସ୍ତ ତଥ୍ୟ ଆଣି ଅନ୍ୟ ପିଲାଙ୍କ ସହିତ ଆଲୋଚନା କରିବା ପାଇଁ କହିଛନ୍ତି ।

**ତଥ୍ୟ ଗୁଡିକ ହେଉଛି :-**

- ତୁମେ / ତୁମ ପରିବାରର ସଦସ୍ୟ ପରିଦର୍ଶନରେ ଯାଇଥିବା ସ୍ଥାନ ।
- ଏହେ ସ୍ଥାନଟି ତୁମ ଗ୍ରାମ/ସହର/ନଗର ଠାରୁ କିପରି ଭିନ୍ନ ।
- ସେହି ସ୍ଥାନର ଏକ ପ୍ରସିଦ୍ଧ ଖାଦ୍ୟ ।
- ସେ ସ୍ଥାନର କୁହାଯାଉଥିବା ଭାଷା ।

ଏହି ଉଦାହରଣରେ କିରଣ, ସହଯୋଗୀ ଶିକ୍ଷଣର ଯୋଡି ବିନିମୟ କୌଶଳ ପ୍ରୟୋଗ କରିଛନ୍ତି । ଏହି କୌଶଳ କାର୍ଯ୍ୟକାରୀ କରିବାର ସୋପାନ ହେଉଛି :

୧. ଶିକ୍ଷକଙ୍କ ପ୍ରଶ୍ନର ଉତ୍ତର ଶିକ୍ଷାର୍ଥୀ ବ୍ୟକ୍ତିଗତ ଭାବେ ଦିଅନ୍ତି ।

୨. ଅନ୍ୟ ଏକ ପିଲା ସହ ଯୋଡି ହୁଅନ୍ତି ।

୩. ଦଳଗତ କାର୍ଯ୍ୟ ସମାପ୍ତି ପାଇଁ ସହଯୋଗୀ ସହିତ ବିନିମୟ କରିବା ।

**ସଫଳତା ପାଇଁ ବିନିମୟ :**

ଶ୍ରେଣୀର ଅନ୍ୟମାନଙ୍କ ସହ ସମ୍ମିଳିତ ପ୍ରଚେଷ୍ଟାର ବିନିମୟ ସମସ୍ତ ସହଯୋଗୀ ଶିକ୍ଷଣ କାର୍ଯ୍ୟର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହା ଦ୍ୱାରା ପିଲାମାନେ ଉତ୍ସାହିତ ହେବା ସହିତ, ଏକ ବୃହତ କାର୍ଯ୍ୟ ମିଳିତ ଉଦ୍ୟମରେ



ଟିପ୍ପଣୀ

ସାଧିତ ହୁଏ ବୋଲି ପିଲା ଶିଖନ୍ତି । ଏହା ଏକ ଶିକ୍ଷଣ ପରିବେଶ ସୃଷ୍ଟି କରେ ଯେଉଁଠି ସଫଳତା ଏବଂ ଲକ୍ଷ୍ୟସାଧନ ଏକ ନିର୍ଦ୍ଧିଷ୍ଟ ପିଲା ପାଖରୁ ନଆସି ସମଗ୍ର ଶ୍ରେଣୀରୁ ଆସିଥାଏ ।

ଏକ ସପ୍ତାହର ପରିବେଶ ବିଜ୍ଞାନ ବିଷୟ ପଢେଇ ସାରିବା ପରେ ନିଜର ଅଭିଜ୍ଞତା ତଥା ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାକୁ ଚିନ୍ତା କରି ଏକ ଖାତାରେ ଲେଖି ରଖ ଯାହା ଅନ୍ୟ ପିଲାଙ୍କୁ ଉତ୍ତମ ଶିକ୍ଷାଦାନ ପାଇଁ ଦଳଗତ ଶିକ୍ଷଣରେ ସାହାଯ୍ୟ କରିବ ।

### ୫.୪.୨ ସହଯୋଗୀ ଶିକ୍ଷଣର ନୀତି ସମୂହ

କ୍ଷୁଦ୍ରକ୍ଷୁଦ୍ର ଦଳ ପାଇଁ ଅନେକ ଗୁଡ଼ିଏ ସହଯୋଗୀ ଶିକ୍ଷଣର ଶୈଳୀ ଓ ଗଠନ ପ୍ରଣାଳୀ ରହିଛି । କିନ୍ତୁ ପୂର୍ବ ପ୍ରସ୍ତୁତ କୌଶଳ ଅପେକ୍ଷା ତୁମେ ନିଜେ ପ୍ରସ୍ତୁତ କରିଥିବା ଶୈଳୀ ଓ ପନ୍ଥା ଅଧିକ ଫଳପ୍ରଦ ହେବ । ତିନୋଟି ମୁଖ୍ୟ ନୀତି ନିମ୍ନରେ ପ୍ରଦାନ କରାଗଲା ।

**ସକାରାତ୍ମକ ଆନ୍ତଃ ନିର୍ଭରଶୀଳତା**

ଏକ ସାଧାରଣ ଦଳଗତ ଲକ୍ଷ୍ୟ ଉଦ୍ଦେଶ୍ୟର ବିନିମୟ, ସାଧାରଣ ସମ୍ବଳର ବିନିମୟ ଗୋଟିଏ ଦଳ ପାଇଁ ସମାନ ପରିଚୟ ସୃଷ୍ଟି କରିବା (ଯେମିତି କି ଦଳର ସମସ୍ତେ ମିଶି ଦଳର ଏକ ନାମ ଦେବା) ଇତ୍ୟାଦି । ପରସ୍ପରକୁ ସାହାଯ୍ୟ ତଥା ଉତ୍ସାହିତ କରିବା ମାଧ୍ୟମରେ ଏକ ସକରାତ୍ମକ ମନୋବୃତ୍ତି ଓ ଆବେଗ ଉପରେ ଗୁରୁତ୍ୱ ଦେବା ।

**ବ୍ୟକ୍ତିଗତ ଉତ୍ତରଦାୟିତ୍ୱ**

କେତେକ କାର୍ଯ୍ୟ ପ୍ରତ୍ୟେକ ପିଲାଙ୍କ ଦ୍ୱାରା ସମାଧାନ ହୁଏ, ପୁଣି ଆଉ କିଛି କାର୍ଯ୍ୟ ଏକ ଦଳ ଦ୍ୱାରା ସମାଧାନ ହୁଏ । ଉଦାହରଣ ସ୍ୱରୂପ ଦଳୀୟ କର୍ତ୍ତାମାନଙ୍କୁ ଦାୟିତ୍ୱ ଦିଆଗଲା ଛୋଟଛୋଟ ଗୋଡି ପଥର, ଶୁଖିଲା ପତ୍ର, ରବରରୁ ତିଆରି ଜିନିଷ ଇତ୍ୟାଦି ସଂଗ୍ରହ କରିବା ପାଇଁ । ଏହା ପରେ ଦଳର ପ୍ରତ୍ୟେକ ପିଲା ଦଳରେ ମିଶି ସେଗୁଡିକୁ ସଂଗ୍ରହ କରି ଏକ ନିର୍ଦ୍ଧିଷ୍ଟ ଶୈଳୀରେ ସଜାଇ ରଖିବାର ଦାୟିତ୍ୱ ନେବା ଉଚିତ୍ ।

**ସମାନ ମର୍ଯ୍ୟାଦାପୂର୍ଣ୍ଣ ପାରସ୍ପରିକ କ୍ରିୟା**

ଏକ ଦଳୀୟ କାର୍ଯ୍ୟ ସଂପାଦାନ ପାଇଁ ପ୍ରତ୍ୟେକ ପିଲାଙ୍କୁ ସମାନ ସୁବିଧା ତଥା ସୁଯୋଗ ଦେବା ଦରକାର । ଶିକ୍ଷକ ଜଣେ ସହାୟକ ହିସାବରେ ଏସବୁକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବେ ଯେପରି ପ୍ରତ୍ୟେକ ଶିକ୍ଷାର୍ଥୀ ପରସ୍ପରକୁ ସମ୍ମାନ ଦିଅନ୍ତି । ତୁମେ ଜଣେ ଶିକ୍ଷକ ହିସାବରେ ଏହାକୁ ଆନନ୍ଦରେ ସକରାତ୍ମକ ମନୋଭାବ ନେଇ ତୁଲାଇବ । ପିଲାମାନଙ୍କୁ ସମାନ ସୁବିଧା, ସୁଯୋଗ ଦେବାକୁ ହେଲେ ତୁମକୁ ପ୍ରତ୍ୟେକ ପିଲାଙ୍କୁ ଭଲଭାବରେ ବୁଝିବା ଆବଶ୍ୟକ ।

**ନିଜ ଅଗ୍ରଗତି ଆକଳନ- ୧**

ସହଯୋଗୀ ଶିକ୍ଷଣର ତିନୋଟି ନୀତି ବର୍ଣ୍ଣନା କର ।

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

ଟିପ୍ପଣୀ

### ୫.୪.୩ ପରିବେଶ ଅଧ୍ୟୟନ ପାଇଁ ସହ ଯୋଗୀ ଶିକ୍ଷଣ ବ୍ୟବହାର କରିବାର ଉପକାରିତା

ସହଯୋଗୀ ଶିକ୍ଷଣ ପିଲାମାନଙ୍କ ମଧ୍ୟରେ ଅନ୍ୟର କାର୍ଯ୍ୟକୁ ପ୍ରଶଂସା କରିବାର ଗୁଣ ସୃଷ୍ଟିକରେ । ଏହା ପରସ୍ପର ମଧ୍ୟରେ ସୁସଂପର୍କ ସ୍ଥାପନ କରିବା ସହିତ, ସମସ୍ୟା - ସମାଧାନ କରିବା ଦକ୍ଷତା, ନିଷ୍ପତ୍ତି ନେବା ଦକ୍ଷତା ଦ୍ୱନ୍ଦ ପରିଚାଳନା କରିବା ଦକ୍ଷତା, ଆଦି ବୃଦ୍ଧି କରାଏ । ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାରେ ଉକ୍ତ ଦକ୍ଷତାଗୁଡିକ ପିଲାମାନଙ୍କ ମଧ୍ୟରେ ସୃଷ୍ଟି କରିବା ନିହାତି ଆବଶ୍ୟକ ।

ଏକ ଉତ୍ତମ ପରିବେଶ ବିଜ୍ଞାନ ପଠନ ଶ୍ରେଣୀ ଗୃହ ଆଞ୍ଚଳିକ ପରିସ୍ଥିତି ବାତାବରଣ ଉପରେ ନିର୍ଭର କରେ ଯାହା ପିଲାମାନଙ୍କ ମଧ୍ୟରେ ଭିନ୍ନଭିନ୍ନ ପରିସ୍ଥିତର ସମ୍ମୁଖୀନ ହୋଇ ତଦନୁସାରେ ସମାଧାନ କରିବାର ଦକ୍ଷତା ବଢାଇଥାଏ ।

ପରିବେଶ ଅଧ୍ୟୟନ ଶିକ୍ଷାଦାନ ହେଉଛି ଏକ ଗତିଶୀଳ ଶିକ୍ଷଣ ତେଣୁ ଏହାର ବହୁବିଧ ଦୃଷ୍ଟିକରଣ ରହିଛି-

ସହଯୋଗୀ ଶିକ୍ଷଣ ପିଲାମାନଙ୍କୁ ବିଭିନ୍ନ ଦୃଷ୍ଟିକୋଣର ଅନୁସନ୍ଧାନ ପାଇଁ ସୁଯୋଗ ଦିଏ ଏବଂ କାର୍ଯ୍ୟର ଫଳାଫଳ ଓ ସମ୍ଭାବ୍ୟତାକୁ ବିବେଚନା କରିବା ଏବଂ ଯୁକ୍ତିତର୍କ ପାଇଁ ସୁଯୋଗ ପ୍ରଦାନ କରେ । ଏହା ପିଲାମାନଙ୍କୁ ମୁକ୍ତ କରିବା ସହିତ ଏହି ପରିବର୍ତ୍ତନ ଶୀଳ ପୃଥିବୀରେ ନିଜର ବୋଧଗମ୍ୟତା ଆଧାରରେ ନିଷ୍ପତ୍ତି ନେବା ପାଇଁ ସକ୍ଷମ କରାଏ । ।

ପରିବେଶ ଅଧ୍ୟୟନ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟା ବିଶ୍ଳେଷଣାତ୍ମକ ତଥା ସମସ୍ୟା ସମାଧାନ ସହିତ ଜଡିତ । ସହଯୋଗୀ ଶିକ୍ଷଣ ଶିକ୍ଷାର୍ଥୀଙ୍କ ମଧ୍ୟରେ ଏହି ସବୁ ଦକ୍ଷତାର ବିକାଶ ଘଟାଏ ।

### ୫.୪.୪ ସହଯୋଗୀ ଶିକ୍ଷଣରେ ଆହ୍ୱାନ ସମୂହ

ସହଯୋଗୀ ଶିକ୍ଷଣ ଅଣଂଯୋଜିତ ବୋଲି ମନେ ହୁଏ କିନ୍ତୁ ଏହାର ପରିଚାଳନା ପାଇଁ ବହୁ ଯୋଜନା ଆବଶ୍ୟକ । ଏକ ନିର୍ଦ୍ଦିଷ୍ଟ ସହଯୋଗୀ ଶିକ୍ଷଣ ଅଧିବେଶନର ଆବଶ୍ୟକତା ଓ ଉଦ୍ଦେଶ୍ୟ ସ୍ଥିର କରିବା ନିହାତି ଆବଶ୍ୟକ । ପାଠ୍ୟସୂଚୀ ଆଧାରିତ,ଅଧିବେଶନ ପୂର୍ବ ପର ପ୍ରସ୍ତୁତି, ଶିକ୍ଷକଙ୍କ ଆଲୋଚନା ଓ ପ୍ରତ୍ୟେକ ପିଲାଙ୍କ ମୂଲ୍ୟାୟନ ପାଇଁ ସମୟ ଓ ଯୋଜନା ନିହାତି ଆବଶ୍ୟକ ।

ଜଣେ ଶିକ୍ଷକ ହିସାବରେ ତୁମର ବିଷୟଗତ ଜ୍ଞାନ ବୁଝିବା ତଥା, ପିଲାମାନଙ୍କ ବାସ୍ତବ ଜୀବନଶୈଳୀ ସହିତ ସଂପୃକ୍ତ ଥିବା ଦରକାର । ତୁମେ ଜଣେ ପ୍ରବର୍ତ୍ତକ ହିସାବରେ ତୁମର ଭୂମିକା ଯଥା- ଅନୁସନ୍ଧିତ୍ସୁ ଭାବ, ପ୍ରାସଙ୍ଗିକ ପ୍ରଶ୍ନ ପଚାରିବା ସହପାଠୀଙ୍କ ମଧ୍ୟରେ ଆଲୋଚନା, ପ୍ରଶ୍ନ ପଚାରିବା ଶୈଳୀ, ମୁଖ୍ୟତଃ ଦଳଗତ କାର୍ଯ୍ୟ କରିବା ସମୟରେ ପିଲାମାନଙ୍କୁ ସାହାଯ୍ୟ, ଇତ୍ୟାଦି ଠିକ୍ ଭାବରେ ତୁଲାଇବା ଦରକାର ।

### ୫.୫ ସାରାଂଶ

କାର୍ଯ୍ୟ ଭିତ୍ତିକ ଶିକ୍ଷଣ ଶିକ୍ଷାଦାନର ବିଭିନ୍ନ ପନ୍ଥାକୁ ନେଇ ବର୍ଣ୍ଣନା କରିଥାଏ । ଏହି ପନ୍ଥା ଏକ ସାଧାରଣ ଧାରଣା ଉପରେ ବଦ୍ଧମୂଳ ଯେ, ପିଲାମାନେ ନିଷ୍କ୍ରିୟ ତଥ୍ୟ ଗ୍ରହଣକର୍ତ୍ତା ଅପେକ୍ଷା ଅଧିକ ମାତ୍ରାରେ ସକ୍ରିୟ ଶିକ୍ଷାର୍ଥୀ ଅଟନ୍ତି । ଶିକ୍ଷଣ ଅଧିକ ଆନନ୍ଦଦାୟକ ଏବଂ ଦୀର୍ଘସ୍ଥାୟୀ ହୋଇପାରିବ ଯଦି ପିଲାମାନଙ୍କୁ ନିଜେ ଅନୁସନ୍ଧାନ କରିବା ପାଇଁ ସୁଯୋଗ ଏବଂ ସବୁଠାରୁ ଅନୁକୂଳ ଶିକ୍ଷଣ ପରିବେଶର ସୁବିଧା ସୁଯୋଗ ଦିଆଯିବ ।

ସହଯୋଗୀ ଶିକ୍ଷଣ ପିଲାମାନଙ୍କୁ ଛୋଟ - ବଡ଼ ଦଳରେ କାର୍ଯ୍ୟ କରିବା ଶିଖାଏ । ଏହାର ସାମାଜିକ ତଥା ଶୈକ୍ଷିକ ପ୍ରଭାବ ରହିଛି । ଏକତ୍ର କାର୍ଯ୍ୟ କରିବା, ପରସ୍ପରକୁ ସାହାଯ୍ୟ କରିବା, ପ୍ରଶଂସା କରିବା ଆଦି ସାମାଜିକ ଗୁଣଗୁଡିକ ପିଲାମାନଙ୍କ ଠାରେ ସହଯୋଗୀ ଶିକ୍ଷଣ ସୃଷ୍ଟିକରାଏ । ନିଜ ମତ ସହ ଅନ୍ୟର ଦୃଷ୍ଟିଭଙ୍ଗୀକୁ ଗୁରୁତ୍ୱ ଦିଅନ୍ତି । ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ, ଦକ୍ଷତା, ଗୁଣ ଓ ବ୍ୟକ୍ତିତ୍ୱ ଥିବା ପିଲାମାନଙ୍କ ସହିତ ମିଶି କାର୍ଯ୍ୟ କରିବା





ପିଲାମାନେ ଶିଖନ୍ତି । ଅସମ ଦଳ ମଧ୍ୟ ପିଲାମାନଙ୍କ ଶିକ୍ଷଣ ସ୍ତରକୁ ବଢାଇଥାଏ । ସଙ୍କଟ ବା ମନାନ୍ତର ପରିସ୍ଥିତିରେ କେମିତି ପରସ୍ପର ସହଯୋଗରେ କାର୍ଯ୍ୟ କରାଯିବ ତାହା ଏହି ଶିକ୍ଷଣ ପ୍ରକ୍ରିୟାରୁ ଶିଖିହୁଏ । ଏହି ସାମାଜିକ ଭାବ ବିନିମୟ ଯୋଗାଯୋଗ ଦକ୍ଷତାର ବିକାଶ ଘଟାଏ ଏବଂ ଏହା ସାମାଜିକ ଜୀବନରେ ସହାୟକ ହୁଏ ।

ଏହି ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାଙ୍କୁ ଦଳରେ ଭାଗ କରିବା ଏକ କଷ୍ଟକର କାମ ଓ ଏଥି ପାଇଁ ଶିକ୍ଷକ ପ୍ରତ୍ୟେକ ପିଲାଙ୍କୁ ଭଲ ଭାବରେ ବୁଝିଥିବା ଦରକାର । ସେ ପିଲାମାନଙ୍କ ଶିକ୍ଷଣ ବେଗ, ସାଂସ୍କୃତିକ ସ୍ଥିତି, ବ୍ୟକ୍ତିତ୍ୱ, ଲିଙ୍ଗ ଇତ୍ୟାଦି ଦୃଷ୍ଟିରେ ରଖି ଯତ୍ନ ସହକାରେ ଦଳ ଗଠନ କରିବା ଉଚିତ୍ । ଦଳୀୟ କାର୍ଯ୍ୟ ଆରମ୍ଭ ହେଲା ପରେ ଶିକ୍ଷକଙ୍କ ଭୂମିକା ଜଣେ ବିଶ୍ୱସ୍ତ ଗୁରୁ, ପ୍ରୋତ୍ସାହକ, ବେଳେବେଳେ ଦର୍ଶକ ହିଁ ହୋଇଥାଏ । ପିଲାମାନେ ତାଙ୍କ ସହପାଠୀମାନଙ୍କ ଠାରୁ ଅଧିକ ଶିଖିବେ ଏବଂ ଶିକ୍ଷକଙ୍କ ଠାରୁ ବହୁତ କମ୍ ସାହାଯ୍ୟ ଦରକାର କରିବେ ଏବଂ ସମସ୍ୟା ସମାଧାନର ସୂତ୍ର ସହପାଠୀଙ୍କ ସହ ମିଶି ଖୋଜିବେ ।

ପରିବେଶ ବିଜ୍ଞାନ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ ପାଇଁ କାର୍ଯ୍ୟ ଭିତ୍ତିକ ଶିକ୍ଷଣ ଓ ସହଯୋଗୀ ଶିକ୍ଷଣର ସମ୍ମିଳିତ ବ୍ୟବହାର ଅତ୍ୟନ୍ତ ଆବଶ୍ୟକ ଅଟେ ।

## ୫.୬ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

### ନିଜ ଅଗ୍ରଗତି ଆକଳନ -୧

ପରିବେଶ ଅଧ୍ୟୟନ ଭିତ୍ତିକ କାର୍ଯ୍ୟ ସଂପାଦନର ନିମ୍ନୋକ୍ତ ଚାରୋଟି ସୋପାନ :

୧. ଯୋଜନା କରିବା
୨. ଶିକ୍ଷଣ କାର୍ଯ୍ୟ ପରିଚାଳନା କରିବା
୩. କାର୍ଯ୍ୟ ସମ୍ପାଦନର ମୂଲ୍ୟାୟନ କରିବା
୪. ପ୍ରକ୍ରିୟା ଉପରେ ପ୍ରତିଫଳନ କରିବା

### ନିଜ ଅଗ୍ରଗତି ଆକଳନ -୨

ସହଯୋଗୀ ଶିକ୍ଷଣର ନିମ୍ନୋକ୍ତ ତିନୋଟି ନୀତି :

୧. ସକାରାତ୍ମକ ଆନ୍ତଃ ନିର୍ଭରଶୀଳତା
୨. ବ୍ୟକ୍ତିଗତ ଉତ୍ତରଦାୟିତ୍ୱ
୩. ସମାନ ମର୍ଯ୍ୟାଦାପୂର୍ଣ୍ଣ ପାରସ୍ପରିକ କ୍ରିୟା

## ୫.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


Baloche, L. (1998): *The Cooperative Classroom: Empowering Learning*. New Jersey, NJ: Prentice-Hall.

Jacobs, G. http://www.readingmatrix.com/conference/pp/proceedings/jacobs.pdf

Johnson, D. W., Johnson, R.T. & Holubec, E.J. (1994). *Cooperative Learning in the Classroom*. Alexandria, VA: ASCD.

Johnson, D. W., Johnson, R.T. & Stanne, M.B. (2000). *Cooperative Learning Methods: A Meta-Analysis.* Retrieved September 25, 2010, from http://www.co-operation.org/pages/cl-methods.html

National Curriculum Framework. (2005). New Delhi, India: NCERT.

http://www.cdl.org/resource-library/articles/learner_centered.php

www.kaganonline.com

http://www.ceeindia.org/esf/download/paper36.pdf

http://www.co-operation.org/?page_id=65

http://www.successforall.net/

http://www.iasce.net/resources.shtml

## ୫.୮ ପାଠାନ୍ତ ପ୍ରଶ୍ନାବଳୀ

ତୁମ ପରିବେଶ ଅଧ୍ୟୟନ ଶ୍ରେଣୀରେ ପରିଚାଳିତ ହୋଇଥିବା ଯେକୌଣସି ଏକ ଶିକ୍ଷଣ କାର୍ଯ୍ୟ ଆଧାରରେ ନିମ୍ନୋକ୍ତ ଗୁଡିକୁ ବର୍ଣ୍ଣନା କର ।

୧. ତୁମେ ପ୍ରସ୍ତୁତ କରିଥିବା ଯୋଜନା ସମସ୍ତ ଶିକ୍ଷାର୍ଥୀଙ୍କୁ ନିୟୋଜିତ ଓ ସଫଳ ହେବା ପାଇଁ କିପରି ସୁଯୋଗ ସୃଷ୍ଟି କରିଥିଲା ?

୨. ଏହି ଶିକ୍ଷଣ କାର୍ଯ୍ୟରେ ପରିବେଶ ଅଧ୍ୟୟନର କେଉଁ ସବୁ ଉଦ୍ଦେଶ୍ୟ ଓ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା ?

୩. ଶ୍ରେଣୀ କାର୍ଯ୍ୟର ଯୋଜନା ଓ ପ୍ରସ୍ତୁତି ତଥା ଶିକ୍ଷାଦାନ- ଶିକ୍ଷଣ ସମ୍ବଳର ଉନ୍ନତି ପାଇଁ ତୁମେ କେଉଁ ସବୁ ପଦକ୍ଷେପ ନେବ ?